**ରାଜନାଥ ସିଂହ**

**ସାଂସଦ, ଲୋକସଭା**

**ତା.୦୧.୧୨.୨୦୧୩**

ସମ୍ମାନନୀୟ ପ୍ରଧାନମନ୍ତ୍ରୀ ମହୋଦୟ,

ମୁଁ ମିୟାମ୍ମର ଓ ମଣିପୁରର ଆନ୍ତର୍ଜାତୀୟ ସୀମା ନେଇ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଅଛି । ମଣିପୁର ବି.ଜେ.ପି ୟୁନିଟର ସଭାପତି ଶ୍ରୀ ଚାଓବା ସିଂହଙ୍କ ଠାରୁ ପାଇଥିବା ତଥ୍ୟାନୁସାରେ ମୁଁ ଉକ୍ତ ପତ୍ର ଲେଖୁଅଛି ।

୧–ପୂର୍ବେ ମଣିପୁର ଯେତେବେଳେ ଏକ ସ୍ୱତନ୍ତ୍ର ସ୍ୱାଧୀନ ରାଜତନ୍ତ୍ର ରାଜ୍ୟ ହୋଇଥିଲା, ତାହା ଦକ୍ଷିଣ–ପୂର୍ବ ଏସିଆର ବିଭିନ୍ନ ରାଜ୍ୟ ସହ ସୁସମ୍ପର୍କ ସ୍ଥାପନ କରି ଆସିଥିଲା । ଯାହା ଉତ୍ତରରେ ବ୍ରହ୍ମପୁତ୍ରର ଦକ୍ଷିଣ ସୀମା, ଦକ୍ଷିଣରେ ଲୁସାଇ ପାହାଡ଼, ପୂର୍ବରେ ଇରାବତୀ ଓ ଚାନ୍ଦୱିନ ନଦୀ ଏବଂ ପଶ୍ଚିମରେ ଆସାମର କ୍ୟାଚର ଉପତ୍ୟକା ପର୍ଯ୍ୟନ୍ତ ବିସ୍ତୃତ ଥିଲା (୧୮୩୫, ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର ଅଫ ବ୍ରିଟିଶ ଇଣ୍ଡିଆ ଅନୁଯାୟୀ) ।

୨–ବ୍ରିଟିଶ ଶାସନ ସମୟରେ ଉକ୍ତ ସ୍ୱତନ୍ତ୍ର ରାଜ୍ୟର ସୀମା ଜନତାଙ୍କ ଅଗୋଚରରେ ବିଭିନ୍ନ ଚୁକ୍ତି ନେଇ ସଂକୁଚିତ ହୋଇ ଧୀରେ ଧୀରେ ବର୍ମା ସହ ମିଶି ଚାଲିଥିଲା । ଟ୍ରିଟି ଅଫ ପିସ–ସାଇନ୍ଡ ଆଟ ୟାଣ୍ଡାବୋ, ୨୪.ଫେବୃଆରୀ ୧୮୨୬ ଓ ଆଗ୍ରିମେଣ୍ଟ ରିଗାର୍ଡ଼ିଂ ଦ କ୍ୟାବୋ ଭ୍ୟାଲି ଅଫ ସୁନ୍ୟାଚୀ ଘାଟ, ଜାନୁଆରୀ.୦୯.୧୮୩୪ ଆଦି ଚୁକ୍ତିରେ ସୋମରାମର ତେଙ୍ଗଖୁଲର ୧୨ଟି ଗ୍ରାମ, କଙ୍ଗପଟର ୫ଟି ଗ୍ରାମ ସମୟାନୁକ୍ରମେ ବର୍ମାରେ ଅନ୍ତର୍ଭୁକ୍ତ ହୋଇଯାଇଛି ।

୩–ଭାରତର ବ୍ରିଟିଶ ଗଭର୍ଣ୍ଣର ଜେନେରାଲ ଓ ମଣିପୁର ମହାରାଜା ୧୧.୦୮.୧୯୪୭ ରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ୧୯୫୦ ରେ ମଣିପୁର ମହାରାଜାଙ୍କ ଦସ୍ତଖତ ଯୋଡ଼ି ଏକ ନୂତନ ଚୁକ୍ତି କରାଯାଇଥିଲା । ତାହା ପରଠାରୁ ମଣିପୁର ଭାରତ ସରକାରଙ୍କ କ୍ଷମତାକୁ ଆସିଥିଲା । ତାହାର ସୀମାର ସୁରକ୍ଷା ତଥା ନିୟନ୍ତ୍ରଣ ଆଦି ସମସ୍ତ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ହାତରେ ରହିଲା । ୧୦.୦୩.୧୯୬୭ରେ ରେଙ୍ଗୁନଠାରେ ଭାରତ ଓ ବର୍ମା ମଧ୍ୟରେ ଏକ ଆନ୍ତର୍ଜାତୀୟ ସୀମାରେଖା ଟଣା ଯାଇଥିଲା । ତାହା ଅନୁଯାୟୀ  ପାରମ୍ପାରିକ ସୀମା ହିଁ ସୀମାରେଖା ହୋଇ ରହିବ । ମାତ୍ର ସୀମା ନିର୍ଦ୍ଧାରଣ ଖାଲି ଚୁକ୍ତିରେ

ହି ରହିଗଲା । ଉକ୍ତ ଚୁକ୍ତିରେ ସଂଶୋଧନ ଅଣାଯାଇ ୩୦.୦୫.୧୯୬୭ ନୂଆ ଦିଲ୍ଲୀଠାରେ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

୪–୫.୦୪.୧୯୭୫ ରେ ଭାରତ ଓ ବର୍ମା ମଧ୍ୟରେ ଏକ ଭୌଗୋଳିକ ସୀମା ନିର୍ଦ୍ଧାରଣ କରାଯାଇଥିଲା । ଯେଉଁଠାରେ ବହୁ ସଂଖ୍ୟକ ବର୍ମାର କର୍ମଚାରୀମାନେ ମଣିପୁର ରାଜ୍ୟର କର୍ମଚାରୀ ମାନଙ୍କୁ ଦବାଇ ଦେଇଥିଲେ । ଡକୁମେଣ୍ଟ ଅନୁଯାୟୀ ବର୍ମାର ୯୮(୩୨–୧୩୦)ଟି ବାଉଣ୍ଡାରୀ ପିଲାର(ବି.ପି) ଭାରତୀୟ ସୀମା ମଧ୍ୟରେ ଉଠାଯାଇଛି । ବି.ପି ନଂ–୬୪–୬୮( ତୁଇଭାଙ୍ଗ ରୁ ମୋଲଚାନ୍ଦ ଅଞ୍ଚଳ), ବି.ପି ନଂ–୭୫–୭୯( ତାମୁ ମୋର୍ଚ୍ଚ ଅଞ୍ଚଳ), ବି.ପି ନଂ–୮୮ ରୁ ୯୫ (ଚୋର ଖୁନୌ ଅଞ୍ଚଳ) ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିଅଛି । ଭାରତ ଓ ବର୍ମାର ୩୫ କି.ମି ଅଞ୍ଚଳର ସମସ୍ୟା ଏପର୍ଯ୍ୟନ୍ତ ବୁଝାମଣା ହୋଇନାହିଁ । ବହୁ ବି.ପି କୁ ନିଜ ନିଜ ସ୍ଥାନରୁ ଉଠାଇ ଦିଆଯାଇଛି ଅଥବା ତାହାର ପତ୍ତା ନାହିଁ ।

୫–ସର୍ଭେ ଅଫ ଇଣ୍ଡିଆରେ ଦୁଇଟି ଭିନ୍ନ ସୀମାରେଖା ଛପା ଯାଇଛି ।

–ଏସ.ଓ.ଆଇ ଟୋପୋ ସିଟ ମ୍ୟାପ ଅଫ ୧୯୭୩

–ଏସ.ଓ.ଆଇ ଟୋପୋ ସିଟ ମ୍ୟାପ ଅଫ ୧୯୭୬

ମଣିପୁର ଅଧିବାସୀ ଏଭଳି ପ୍ରସଙ୍ଗକୁ ଖୁବ ଗୁରୁତ୍ୱ ଦିଅନ୍ତି ଓ କବୋ ଉପତ୍ୟକା ବର୍ମାକୁ ଚାଲିଯିବ ନେଇ ମଧ୍ୟ ଖୁବ ଅସନ୍ତୁଷ୍ଟ । ପାରମ୍ପାରିକ ସୀମା ନେଇ ସେଠାକାର ଜନତା ବର୍ତ୍ତମାନ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି । ତେଣୁ ସେଠାକାର ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ମଣିପୁର ବି.ଜେ.ପି ୟୁନିଟ ୨୨.୧୦.୨୦୧୩ ରେ ଏକ ତଦନ୍ତ ଆରମ୍ଭ କରିଅଛି । ସେଠାକାର ଜନତାଙ୍କ ଆଶଙ୍କା ଯଦି ସୀମା ବଦଳିବା ଭିତରେ ମଣିପୁରର ମୋରେ ଅଞ୍ଚଳର ବିଶିଷ୍ଟ ଅଭୟାରଣ୍ୟ ଓ ଦକ୍ଷିଣ ପୂର୍ବ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କର ଆବାସସ୍ଥଳୀ, ୟାଙ୍ଗୁପୋକି ଲୋକଚାଓ ୱାଇଲ୍ଡ ଲାଇଫ ସାନ୍‌ଚୁ୍ୟାରୀ ବର୍ମା ଆଡ଼କୁ ଚାଲିଯିବ ତେବେ ରାଜ୍ୟର ଏକ ବିରାଟ କ୍ଷତି ହେବ ।

ତେଣୁ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ବି.ଜେ.ପି କେନ୍ଦ୍ର ସରକାରଙ୍କ ପାଖରେ କିଛି ଦାବି କରେ ।

୧–ବର୍ତ୍ତମାନ ସୀମାରେ ବାଡ଼ ଦେବା କାର୍ଯ୍ୟ ଅଟକ ରଖାଯାଉ । କାରଣ ବହୁ ଅମୀମାଂଶିତ ଅଞ୍ଚଳ ବର୍ମା ଆଡ଼କୁ ଚାଲି ଯାଉଅଛି ।

୨–ଏସ.ଓ.ଆଇ ମ୍ୟାପକୁ ସ୍ଥଗିତ ରଖିବା ସହ ଉଭୟ ଦେଶର ସହଭାଗୀତାରେ ଯଥାଶୀଘ୍ର ବି.ପି ଗୁଡ଼ିକର ପୁନଃ ଚିହ୍ନଟ କରିବା ଓ ସୀମା ଗୁଡ଼ିକର ପୁନଃ ନିର୍ଦ୍ଧାରଣ କରିବା ଆବଶ୍ୟକ ।

୩–ସୀମା ନିର୍ଦ୍ଧାରଣ ପରେ ଆର୍ନ୍ତଜାତୀୟ ସନ୍ଧି ଅନୁଯାୟୀ ବାଡ଼ ବ୍ୟବସ୍ଥା କରିବା ଉଚିତ । ଦୁଇ ଦେଶ ନିଜ ଅଞ୍ଚଳରୁ ୧୦ କି.ମି ଛାଡ଼ି, ୨୦ କି.ମି ଅଞ୍ଚଳ ପର୍ଯ୍ୟନ୍ତ କୌଣସି ଜନ ବସତି ନରଖିବାର ବ୍ୟବସ୍ଥା କରିବା ଉଚିତ । ଯାହାକି ତ୍ରିପୁରାର ଭାରତ ବାଙ୍ଗଲାଦେଶ ସୀମାରେ କରାଯାଇଅଛି ।

୪– ସୀମାନ୍ତରେ ଅନ୍ତର୍ଭୁକ୍ତ ଅଞ୍ଚଳ, ନଦୀ, ଝରଣା ଓ ଜଳାଶ୍ରୟ ତଥା ବି.ପି ଆଦିର ଅବସ୍ଥିତିକୁ ସ୍ପଷ୍ଟ ଭାବରେ ବୁଝାଇବା ପାଇଁ ମଣିପୁର ରାଜ୍ୟ ଗହୃ ମନ୍ତ୍ରାଳୟ ଓ ମିଆଁମାର ଗୃହ ମନ୍ତ୍ରାଳୟ ମଧ୍ୟରେ ଏକ କମିଟି ଗଠନ କରାଯିବ । ଯାହାକି ଜନତାକୁ ଉପଯୁକ୍ତ ସୁରକ୍ଷା ଦେବା ସହ ଜନତାଙ୍କୁ ଆସ୍ଥାଭାଜନ ହୋଇ ପାରିବ ।

ମୁଁ ଆଶା କରେ କି, କେନ୍ଦ୍ର ସରକାର ମୋର ଉକ୍ତ ଦାବିର ଯଥୋଚିତ ପ୍ରତିକାର କରିବ ।

**ରାଜନାଥ ସିଂହ**